# NATIONAL NEWS BULLETIN (ODIA)
## 16 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଗୁଜରାଟରେ ଆଜି ୮ହଜାର କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।

– ଭୁବନେଶ୍ୱର ଠାରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ବଣ୍ଟନ କରିବେ ପ୍ରଥମ କିସ୍ତି ।

- ସମଗ୍ର ଦେଶରେ ଆସନ୍ତାକାଲିଠାରୁ ପାଳନ କରାଯିବ ସ୍ୱଚ୍ଛତା ହିଁ ସେବା ଅଭିଯାନ ।

- ଜାମ୍ମୁ କାଶ୍ମୀର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଶେଷ ।

– ଜାମ୍ମୁ କାଶ୍ମୀରରୁ ସନ୍ତ୍ରାସବାଦର ମୂଳୋତ୍ପାଟନ ଲାଗି ଗ୍ରହଣ କରାଯିବ ପଦକ୍ଷେପ – କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ।

- ନୌସେନା କମାଣ୍ଡରମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ସମ୍ମିଳନୀ ଆରମ୍ଭ ହେବ ନୂଆଦିଲ୍ଲୀରେ ଆସନ୍ତାକାଲି ଠାରୁ ।

ଏବଂ

- ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତାର ସେମିଫାଇନାଲରେ ଆଜି ଭାରତ’ ଦକ୍ଷିଣ କୋରିଆକୁ ୪-୧ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ।

## ଗୁଜରାଟ-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ପାଇଁ ବର୍ତ୍ତମାନର ଯୁଗ ହେଉଛି ସୁବର୍ଣ୍ଣ ଯୁଗ । ସେ କହିଛନ୍ତି, ଦେଶ ବର୍ତ୍ତମାନ ଅମ୍ରିତକାଳ ପରିସ୍ଥିତି ଦେଇ ଗତି କରୁଛି ଏବଂ ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ରଖିଛି । ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଗୁଜରାଟର ପ୍ରମୁଖ ଭୂମିକା ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଅହମ୍ମଦାବାଦ ଠାରେ ଆଜି ୮ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଅହମ୍ମଦାବାଦ ଏବଂ ଭୁଜ୍ ମଧ୍ୟରେ ଦେଶର ପ୍ରଥମ ନମୋ ଭାରତ ରାପିଡ୍ ରେଳ ସେବା ଏବଂ ଅନ୍ୟ ୬ଟି ବନ୍ଦେ ଭାରତ ଟ୍ରେନ୍‌କୁ ସେ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ଶାସନର ତୃତୀୟ ପାଳିର ପ୍ରଥମ

୧୦୦ ଦିନ ମଧ୍ୟରେ ଦେଶରେ ଆଶାତିତ ବିକାଶ ହୋଇପାରିଛି । ଏହି ୧୦୦ ଦିନ ମଧ୍ୟରେ ସମାଜର ବିଭିନ୍ନ ବର୍ଗର କଲ୍ୟାଣ ନିମନ୍ତେ ସରକାରଙ୍କ ପକ୍ଷରୁ ଆଖିଦୃଶିଆ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରେଳ, ସଡ଼କ, ବନ୍ଦର ଏବଂ ବିମାନ ସଂଯୋଗୀକରଣ ଆଦି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି । ଶ୍ରୀ ମୋଦୀ କହିଛନ୍ତି, ନୂତନ ଭାବେ ଶୁଭାରମ୍ଭ କରାଯାଇଥିବା ନମୋ ଭାରତ ରାପିଡ୍ ଟ୍ରେନ୍ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ ଉନ୍ନତ ଟ୍ରେନ୍ ପରିବହନ ସେବା ଯୋଗାଇବାରେ ସାହାଯ୍ୟ କରିବ । ଦେଶର ଅନ୍ୟ ଭାଗରେ ନମୋ ଭାରତ ରାପିଡ୍ ଟ୍ରେନ୍ ସେବା ଆରମ୍ଭ କରିବା ପାଇଁ ଯୋଜନା ସମ୍ପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱସ୍ତରରେ ଭାରତର ଭାବମୂର୍ତ୍ତିରେ ପରିବର୍ତ୍ତନ ଘଟିଛି । ପ୍ରତ୍ୟେକ ରାଷ୍ଟ୍ର ସେମାନଙ୍କର ସମସ୍ୟାର ସମାଧାନ ନିମନ୍ତେ ଭାରତର ଆଭିମୁଖ୍ୟକୁ ଗ୍ରହଣ କରୁଛନ୍ତି । ଗୁଜରାଟର ଭିତ୍ତିଭୂମି ବିକାଶ ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶକୁ ଗୁଜରାଟ ପ୍ରଥମ ଭାରତ ନିର୍ମିତ ପରିବହନ ଏୟାର୍‌କ୍ରାଫ୍ଟ ସୁବିଧା ଯୋଗାଇଦେବ । ପ୍ରଧାନମନ୍ତ୍ରୀ ଆଜି ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା – ଗ୍ରାମୀଣ

ଅଧୀନରେ ୩୦ ହଜାର ଆବାସ ମଞ୍ଜୁର କରିଛନ୍ତି । ସେହିପରି ବାସଗୃହ ନିମନ୍ତେ ପ୍ରଥମ କିସ୍ତି ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ଦୃଷ୍ଟିକୋଣରୁ ରାଜଧାନୀ ଭୁବନେଶ୍ୱରରେ ୮୧ ପ୍ଲାଟୁନ୍ ଫୋର୍ସ୍ ମୁତୟନ କରାଯାଇଛି ।

## ସ୍ୱଚ୍ଛତା ସେବା ଅଭିଯାନ

ସମଗ୍ର ଦେଶରେ 'ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୪' ଆସନ୍ତାକାଲିରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା–ସଂସ୍କାର ସ୍ୱଚ୍ଛତା' । ଚଳିତ ବର୍ଷ ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଏହି ଅଭିଯାନର ଆରମ୍ଭ କରାଯାଇଛି । ଦେଶରେ ୨ଲକ୍ଷ ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍ ସି.ଟି.ୟୁ. ସ୍ଥାପନ ପାଇଁ ପଦକ୍ଷେପ ନିଆଯିବ । ଜିଲ୍ଲା ସ୍ତରରେ ସ୍ୱେଚ୍ଛାସେବୀ ସଂଗଠନ ତଥା ବିଭିନ୍ନ ବେସରକାରୀ ଅନୁଷ୍ଠାନକୁ ଏହି ୟୁନିଟ୍‌ରେ ସାମିଲ କରାଯିବା ନେଇ ବ୍ୟବସ୍ଥା କରାଯାଇଛି । ସଫେଇ ମିତ୍ର ସୁରକ୍ଷା ଶିବିରମାନ ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ଏବଂ ପରିମଳ ସଂକ୍ରାନ୍ତ

କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରୋତ୍ସାହିତ କରାଯିବାର ଲକ୍ଷ୍ୟ ରଖାଯାଇଛି ।

## ଗୋୟଲ୍-ଭାସ୍କର

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଆଜି ନୂଆଦିଲ୍ଲୀ ଠାରେ **Bharat Startup Knowledge Access Registry-BHASKAR**ର ଶୁଭାରମ୍ଭ କରିଛନ୍ତି । ଭାସ୍କର ହେଉଛି, ଏକ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ, ଯାହାଦ୍ୱାରା ଅଂଶିଦାରମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି, କାର୍ଯ୍ୟକର୍ତ୍ତାଙ୍କୁ ସରଳ କରିବା ଲାଗି ବିଭିନ୍ନ ପନ୍ଥା ଗ୍ରହଣ କରାଯାଇଥାଏ । ଷ୍ଟାର୍ଟଅପ୍, ପୁଞ୍ଜିବିନିଯୋଗକାରୀ, ସେବା ପ୍ରଦାନକାରୀ, ନିୟନ୍ତ୍ରଣକାରୀଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଲକ୍ଷ୍ୟରେ ଏହି ପ୍ଲାଟ୍‌ଫର୍ମ କାର୍ଯ୍ୟ କରିବ । ଷ୍ଟାର୍ଟଅପ୍ ଇକୋ ସିଷ୍ଟମ କ୍ଷେତ୍ରରେ ଭାରତକୁ ଏକ ବିଶ୍ୱ କେନ୍ଦ୍ରରେ ପରିଣତ କରିବା ଲାଗି ଉଦ୍ୟୋଗୀ ଏବଂ ଅଂଶିଦାରମାନଙ୍କୁ ଶ୍ରୀ ଗୋୟଲ୍ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଷ୍ଟାର୍ଟଅପ୍ ଗୁଡ଼ିକ ମଧ୍ୟରେ ସଂଯୋଗ ଏବଂ ସମନ୍ୱୟ ସ୍ଥାପନ ଲାଗି ଏହା ସହାୟକ ହେବ । ବ୍ୟବସାୟ କ୍ଷେତ୍ରରେ ସଂସ୍କାର ଆଣିବା ନିମନ୍ତେ ଏହି ପ୍ଲାଟ୍‌ଫର୍ମ ଆଶା ଏବଂ ଆକାଂକ୍ଷା ସୃଷ୍ଟି କରିବ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି ।

# ଅମିତ ଶାହା–ଜାମ୍ମୁ କାଶ୍ମୀର

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ପୁଣି ଉତ୍ଥାପନ କରିବା ପାଇଁ ପ୍ରଚେଷ୍ଟା ଚାଲିଛି । ଜାମ୍ମୁ କାଶ୍ମୀରଅଞ୍ଚଳରେ ସନ୍ତ୍ରାସବାଦକୁ ଏପରି ସ୍ତରରେ ମୂଳୋତ୍ପାଟନ କରାଯିବ ଯେପରିକି ପୁଣିଥରେ ଏହା ଉପରକୁ ଉଠିପାରିବ ନାହିଁ ବୋଲି ଶ୍ରୀ ଶାହା କହିଛନ୍ତି । କିସ୍ତୱାରାର ପଦର-ନାଗସେନି ଠାରେ ପୂର୍ବତନ ମନ୍ତ୍ରୀ ସୁନୀଲ ଶର୍ମାଙ୍କୁ ସମର୍ଥନ କରି ଆୟୋଜିତ ନିର୍ବାଚନ ର୍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ଜାତୀୟ କନ୍‌ଫରେନ୍ସ ଏବଂ କଂଗ୍ରେସର ନିର୍ବାଚନୀ ଇସ୍ତାହାରରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ପରୋକ୍ଷରେ ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ପୁଣି ଉତ୍ଥାପନ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ଶ୍ରୀ ଶାହା ସମାଲୋଚନା କରିଛନ୍ତି । ଜାମ୍ମୁ କାଶ୍ମୀରରେ ନ୍ୟାସନାଲ୍ କନ୍‌ଫରେନ୍ସ-କଂଗ୍ରେସ ମେଣ୍ଟ ସରକାର ଗଢ଼ିପାରିବ ନାହିଁ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି । ଏନ୍.ସି.-କଂଗ୍ରେସର ନେତାମାନେ କହିଛନ୍ତି, ତାଙ୍କ ମେଣ୍ଟ ଦଳ ସରକାର ଗଠନ କଲେ ଧାରା ୩୭୦କୁ ପୁଣି ଲାଗୁ କରାଯିବ । ବିଜେପି ପକ୍ଷରୁ ପାହାଡ଼ି ଏବଂ ଗୁଜ୍ଜର୍ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ସପକ୍ଷରେ ଲାଗୁ କରାଯାଇଥିବା ସଂରକ୍ଷଣ

ବ୍ୟବସ୍ଥାକୁ ସେମାନେ ଛଡ଼ାଇ ନେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

ଗତ ୧୫ ଦିନ ମଧ୍ୟରେ ଶ୍ରୀ ଶାହାଙ୍କର ଏହା ହେଉଛି, ଜାମ୍ମୁ ଅଞ୍ଚଳକୁ ଦ୍ୱିତୀୟ ଗସ୍ତ । ପୂର୍ବରୁ ଶ୍ରୀ ଶାହା ଚଳିତ ମାସ ୬ ଏବଂ ୭ ତାରିଖରେ ନିର୍ବାଚନ ପ୍ରଚାର ପାଇଁ ଜାମ୍ମୁ ଯାଇଥିଲେ । ସେ ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବିଜେପିର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବା ସହ କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ ।

ଜାମ୍ମୁ କାଶ୍ମୀର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ପ୍ରଚାର ଶେଷ ହୋଇଛି । ୭ଟି ଜିଲ୍ଲାର ୨୪ଟି ବିଧାନସଭା ଆସନ ଲାଗି ଆସନ୍ତା ୧୮ତାରିଖ ଦିନ ଭୋଟ୍‌ଗ୍ରହଣ ହେବ । ଏହି ଜିଲ୍ଲାଗୁଡ଼ିକ ହେଲା ଡୋଡା, କିସ୍ତଓ୍ୱାର, ରାମବନ, ଅନନ୍ତନାଗ, ପୁଲଓ୍ୱାମା, କୁଲଗାଁ ଓ ସୋପିଆନ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତା ୨୫ ତାରିଖ ଦିନ ମତଦାନ ହେବାକୁ ଥିବାବେଳେ ଅକ୍ଟୋବର ୧ ତାରିଖ ଦିନ ତୃତୀୟ ପର୍ଯ୍ୟାୟ ଭୋଟ୍‌ଦାନ କରାଯିବ ।

## ଜେକେ-ସିଇଓ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ  ଜାମ୍ମୁ କାଶ୍ମୀର ମୁଖ୍ୟ ନିର୍ବାଚନ ଅଧିକାରୀ ପି.କେ. ପୋଲ୍ ଭୋଟର ଶପଥ ଅଭିଯାନ ଆରମ୍ଭ କରିଛନ୍ତି । ଜାମ୍ମୁ କାଶ୍ମୀର ଅଞ୍ଚଳରେ ଅଧିକ ସଂଖ୍ୟକ ଭୋଟ୍‌ଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ଅଭିଯାନର ଲକ୍ଷ୍ୟ ରହିଛି । ଭୋଟରମାନଙ୍କୁ ଶିକ୍ଷା ପ୍ରଦାନ ଏବଂ ନିର୍ବାଚନରେ ଅଧିକ ସଂଖ୍ୟକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ଏସ୍.ଭି.ଇ.ଇ.ପି. କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଅଭିଯାନ ଆରମ୍ଭ କରାଯାଇଛି ।

ଇଚ୍ଛୁକ ଭୋଟରମାନେ ଭୋଟରସ୍ ଶପଥ ପ୍ରମାଣପତ୍ର  ପାଇବା ନିମନ୍ତେ **sveepjk.in** ଲିଙ୍କ୍‌ରେ କ୍ଲିକ୍ କରି ସାର୍ଟିଫିକେଟ୍ ଅଫ୍ କମିଣ୍ଟମେଣ୍ଟ ଡାଉନ୍‌ଲୋଡ୍ କରି ପାଇ ପାରିବେ ।

## ନାଭାଲ୍ କମାଣ୍ଡର ସମ୍ମିଳନୀ

ନୌସେନା କମାଣ୍ଡରମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ସମ୍ମିଳନୀ ଆସନ୍ତାକାଲି ଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ସମ୍ମିଳନୀରେ ନୌସେନା କମାଣ୍ଡରମାନଙ୍କ ମଧ୍ୟରେ ରଣନୀତି କୌଶଳ, କାର୍ଯ୍ୟପନ୍ଥା

ଏବଂ ପ୍ରଶାସନିକ ପ୍ରସଙ୍ଗରେ ଆଲୋଚନା ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୪ଦିନିଆ ଏହି ସମ୍ମିଳନୀରେ ନୌସେନା ମୁଖ୍ୟ ଉଦ୍‌ଘାଟନୀ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି । ଗତ ୬ ମାସ ମଧ୍ୟରେ ଭାରତୀୟ ନୌସେନାର କାର୍ଯ୍ୟକଳାପ, ପ୍ରଶିକ୍ଷଣ ଏବଂ ପ୍ରଶାସନିକ କାର୍ଯ୍ୟ ସମ୍ପର୍କରେ  ନୌସେନା ମୁଖ୍ୟ ସମୀକ୍ଷା କରିବେ । ପଶ୍ଚିମ ଏସିଆରେ ଜଟିଳ ସାମୁଦ୍ରିକ ସୁରକ୍ଷା ସ୍ଥିତି ଏବଂ ଦେଖାଦେଇଥିବା ଭୌଗଳିକ ରାଜନୀତି ଏବଂ ଭୌଗଳିକ ରଣନୀତି, ଆଞ୍ଚଳିକ ଆହ୍ୱାନ ଆଦି ବିଷୟକୁ ଦୃଷ୍ଟିରେ ରଖି ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହି ସମ୍ମିଳନୀ ଭାରତୀୟ ନୌସେନାର ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରାଯାଇଛି ।

ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ଗୁରୁବାର ଜାତୀୟ ସୁରକ୍ଷା ସମ୍ପର୍କରେ ନୌସେନା କମାଣ୍ଡରମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ ତିନି ସେନାର ମୁଖ୍ୟମାନେ ଅଂଶଗ୍ରହଣ କରିବେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି 'ସ୍ୱଚ୍ଛତା ହିଁ ସେବା ଅଭିଯାନ ଅଧୀନରେ ସ୍ୱଚ୍ଛ ଭାରତ ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପଦକ୍ଷେପ' । ଜଳଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ସ୍ୱଚ୍ଛ ଭାରତ ମିଶନର ନିର୍ଦ୍ଦେଶକ ତଥା ଯୁଗ୍ମ ସଚିବ ଜିତେନ୍ଦ୍ର ଶ୍ରୀବାସ୍ତବ ଏବଂ ପୂର୍ତ୍ତ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ ଅନିତା ମିନା ବିଶେଷଜ୍ଞ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରେତାଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ହକି

ଚୀନ୍‌ର ହୁଲୁନ୍‌ବ୍ୟୁର୍ ଠାରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ପ୍ରତିଯୋଗିତାର ସେମିଫାଇନାଲରେ ଆଜି ଭାରତ ଦକ୍ଷିଣ  କୋରିଆକୁ ୪-୧ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ହରମନପ୍ରୀତ ସିଂହ ୨ଟି ଗୋଲ୍ ଦେଇଥିବା ବେଳେ ଉତ୍ତମ ସିଂହ ଏବଂ ଜରମନପ୍ରୀତ ସିଂହ ଗୋଟିଏ ଲେଖାଏଁ ଗୋଲ୍ ଦେଇଛନ୍ତି । ଦକ୍ଷିଣ କୋରିଆ ପକ୍ଷରୁ ୟାଙ୍ଗ୍ ଜିହୁନ୍ ଗୋଟିଏ ମାତ୍ର ଗୋଲ୍ ଦେଇଥିଲେ । ଭାରତ ଓ ଚୀନ୍ ମଧ୍ୟରେ ଆସନ୍ତାକାଲି ଭାରତୀୟ ସମୟ ୩ଟା ୩୦ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ପ୍ରଥମ ସେମିଫାଇନାଲ୍‌ରେ ପାକିସ୍ତାନ ଚୀନ୍‌କୁ ସୁଟ୍‌ଆଉଟ୍ ଜରିଆରେ ଶୂନ୍ ୨ ଗୋଲ୍‌ରେ ପରାସ୍ତ କରିଛି ।

ଭାରତ ଏହି ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଚୀନ୍‌କୁ ୩-୦, ଜାପାନକୁ ୫-୧, ମାଲେସିଆକୁ ୮-୧, କୋରିଆକୁ ୩-୧ ଏବଂ ପାକିସ୍ତାନକୁ ୨-୧ରେ ପରାସ୍ତ କରି ଅପରାଜେୟ ରହିଛି ।